**SAMPLE QUESTION PAPER**
**CLASS – XII**
**ODIA (Code-113) SET-1**
# Year 2020-21

ସମୟ – ୩ ଘଣ୍ଟା | ପୂର୍ଣ୍ଣସଂଖ୍ୟା –୮୦

**Time Allowed: 3 hours** | **Maximum Marks: 80**

**PART- A: ବହୁବୈକଳ୍ପିକ/ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ (M.C.Q) 40 ନମ୍ବର**

**PART- B: ବର୍ଣ୍ଣନାତ୍ମକ/ଲିଖନ ମୂଳକ ପ୍ରଶ୍ନ (Descriptive Questions) 40 ନମ୍ବର**

| ସୂଚନା | Note |
|---|---|
| ନିମ୍ନଲିଖିତ ନିର୍ଦ୍ଦେଶ ଗୁଡ଼ିକ ସାବଧାନତା ସହକାରେ ପଢି ପାଳନ କର । | Read the instructions carefully and follow them. |
| ପ୍ରଶ୍ନପତ୍ରଟି ୧୬ ପୃଷ୍ଠା ବିଶିଷ୍ଟକି ନା ଦୟାକରି ଦେଖିନିଅ । | Please check that this question paper contains 16 printed pages. |
| PART-A ୧ ରୁ ୮ ନମ୍ବର ୪୦ ମାର୍କ ବିଶିଷ୍ଟ ଓ PART-B ୯ରୁ ୧୪ ନମ୍ବର ମଧ୍ଯ ୪୦ ମାର୍କ ବିଶିଷ୍ଟ । | PART-A Carries 40 marks (Q.No.1 to 8). PART-B also carries 40 marks (Q.No.9 to 14). |
| ପ୍ରଶ୍ନପତ୍ରର ଡାହାଣ ପଟ କୋଣରେ ଦିଆଯାଇଥିବା କୋଡ଼ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ । | Code number given on the right hand side of the question paper should be written on the title page. |
| PART-A ରେ ଥିବା ବହୁବିକଳ୍ପ ମଧ୍ଯରୁ ଠିକ୍ ଉତ୍ତରରେ କଳା କିମ୍ୱା ନୀଳ କାଳି ଥିବା ଡଟ୍ କଲମରେ ହିଁ ପୂରଣ କର । ଓ.ଏମ୍.ଆର୍ ପତ୍ରିକାର ଗୋଲ୍ ଚିହ୍ନକୁ ଭଲ ଭାବରେ ପୂରଣ କର । | Darken the circle corresponding to the choice in full with blue or black ball point pen only and no part of the circle should be left unfilled in the OMR Sheet. |
| PART-B ରେ ବର୍ଣ୍ଣନାତ୍ମକ ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନ ନମ୍ବର ଉପଯୁକ୍ତ ସ୍ଥାନରେ ଲେଖ । | Please Write down the serial number of the question at the appropriate place before attempting the descriptive question in PART-B. |

## SAMPLE QUESTION PAPER 2020-21
## CLASS – XII
# ODIA (113) SET-1
# PART-A (Objective Type Questions)

***Time Allowed: 3 hours*** ***Maximum Marks: 80***

1. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦ ପାଠକରି ଯେ କୌଣସି ୫ଟି ପ୍ରଶ୍ନର ଠିକ୍ ଉତ୍ତର ବାଛ । (1x5=5)

ଅର୍ଥ ସର୍ବସ୍ୱ ଦୁନିଆରେ ସବୁଠି ଆଗଧାଡି ମାଡିବସିଛି ଅର୍ଥ । ମୂଲ୍ୟବୋଧ ହୋଇଛି ଧୂଳିସାତ୍ । ସମାଜରେ ମୂଲ୍ୟବୋଧର ଅବମାନନା ଦେଖି ଦୁଃଖ ଲାଗିଲେ ମଧ୍ୟ ତାହା ଯେପରି ଆମେ କ୍ରମଶଃ ଗ୍ରହଣ କରି ନେବାରେ ଅଭ୍ୟସ୍ତ ହୋଇଯାଉଛୁ । ସଂପ୍ରତି ମୂଲ୍ୟବୋଧର ଏପରି ଚ଼ରମ ଅବକ୍ଷୟ ଘଟିଛି ଯେ ସବୁଠାରୁ ଶ୍ରେଷ୍ଠ ସମ୍ମାନ ପାଉଛନ୍ତି ଅକଳନ ଅର୍ଥର ଅଧିକାରୀମାନେ । ଯାହା ପାଖରେ ପ୍ରଚୁର ଅର୍ଥ ନାହିଁ ତା'ର ଯେତେ ଭଲଗୁଣ ଥିଲେ ମଧ୍ୟ କେହି ପଚ଼ାରୁନାହାନ୍ତି । ସମାଜରେ ଏହି ଅର୍ଥ ବଳରେ ବଳୀୟାନ ବ୍ୟକ୍ତିମାନେ ହିଁ ଶୀର୍ଷ ସ୍ଥାନ ଅଧିକାର କରୁଛନ୍ତି । ବାହୁବଳ ଓ ବିଦ୍ୟାବଳରେ ବଳୀୟାନ ବ୍ୟକ୍ତିମାନେ ତାଙ୍କର ଶରଣାପନ୍ନ ହେଉଛନ୍ତି । ସମାଜରେ ଅର୍ଥକୁ ସର୍ବଶ୍ରେଷ୍ଠ ସମ୍ମାନ ଦିଆଯାଉଛି । ନୀତିକୁ ଆଡେଇ ଦେଇ କଳେବଳେ କୌଶଳେ ରାତାରାତି ଧନୀ ହେବାର ନିଶାରେ ଘାରି ହେଉଛନ୍ତି । ପ୍ରଚୁର ଟଙ୍କା ରୋଜଗାରର ନିଶା ମାରାତ୍ମକ ମାଦକ ଦ୍ରବ୍ୟର ଚ଼ୋରାକାରବାରକୁ ବଢାଇ ଦେଇଛି । ଦୁଃଖର ବିଷୟ ସମଗ୍ର ବିଶ୍ୱରେ ଉକ୍ତ ନିଶାଦ୍ରବ୍ୟର ଚ଼ୋରାକାରବାର ପ୍ରବଳରୁ ପ୍ରବଳତର ହେବାରେ ଲାଗିଲାଣି । ନିଶାଦ୍ରବ୍ୟ ପ୍ରସାର ବଢିଲେ ଅସାମାଜିକ କାର୍ଯ୍ୟ ଅଧିକ ହେବ । ତେଣୁ ଏକ ନିଶାମୁକ୍ତ ଭାରତ ତଥା ସମାଜ ଗଠନ ଦିଗରେ ଆଜିର ଯୁବ ସମାଜ ତତ୍ପର ଓ କାର୍ଯ୍ୟକ୍ଷମ ହେବା ଉଚ଼ିତ । ଯୁବସମାଜକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବାର ଦାୟିତ୍ୱ ପ୍ରତିଷ୍ଠିତ ବୁଦ୍ଧିଜୀବୀ ମାନଙ୍କର, ଏକଥା ସେମାନେ ମଧ୍ୟ ହୃଦୟଙ୍ଗମ କରିବା ଉଚ଼ିତ୍ । ସହଯୋଗ ଓ ସମନ୍ୱୟରେ ହିଁ ଆଦର୍ଶ ସମାଜ ପ୍ରତିଷ୍ଠିତ ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

(କ) ସମାଜରେ ପ୍ରଚୁର ଟଙ୍କା ରୋଜଗାର ପାଇଁ କିଏ ସାହାଯ୍ୟ କରୁଛି ? (1)
- (i) ନିଶା କାରବାର
- (ii) ସୁନା କାରବାର
- (iii) ବିଦେଶ ଭ୍ରମଣ
- (iv) ରାଜନୀତି

(ଖ) ସାଂପ୍ରତିକ ସମାଜରେ କାହାର ଅବକ୍ଷୟ ସଂପର୍କରେ କୁହାଯାଇଛି ? (1)

(i) ବୀରତ୍ୱ

(ii) ପାଣ୍ଡିତ୍ୟ

(iii) ମୂଲ୍ୟବୋଧ

(iv) ସଂସ୍କୃତି

(ଗ) ସମାଜରେ କେଉଁମାନେ ଶୀର୍ଷ ସ୍ଥାନ ଅଧିକାର କରୁଛନ୍ତି ? (1)

(i) ପଣ୍ଡିତମାନେ

(ii) ଅର୍ଥବଳରେ ବଳୀୟାନ ବ୍ୟକ୍ତିମାନେ

(iii) ବୀରମାନେ

(iv) ମହିଳାମାନେ

(ଘ) ଅସାମାଜିକ କାର୍ଯ୍ୟ କିପରି ଅଧିକ ହେବ ? (1)

(i) ଶିକ୍ଷାପ୍ରତି ଦୃଷ୍ଟି ନଦେଲେ

(ii) ଛାତ୍ରମାନେ ବିଶୃଙ୍ଖଳିତ ହେଲେ

(iii) ନିଶାଦ୍ରବ୍ୟର ପ୍ରସାର ବଢିଲେ

(iv) ପାରିବାରିକ ସ୍ନେହ ଶ୍ରଦ୍ଧା ନରହିଲେ

(ଙ) ଆମର ଲକ୍ଷ୍ୟ କ'ଣ ହେବା ଉଚିତ୍ ? (1)

(i) ବିଦ୍ୟାଧ୍ୟୟନ

(ii) ଶୃଙ୍ଖଳିତ ଜୀବନ

(iii) ଅର୍ଥ ଉପାର୍ଜନ

(iv) ନିଶାମୁକ୍ତ ସମାଜ ଗଠନ

(ଚ) ଯୁବସମାଜକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବାର ଦାୟିତ୍ୱ କେଉଁମାନଙ୍କର ? (1)

(i) ସମାଜସେବୀ

(ii) ପ୍ରବଚକ

(iii) ସାମ୍ବାଦିକ

(iv) ବୁଦ୍ଧିଜୀବୀ

(ଛ) କେଉଁ ନିଶାରେ ଆଜି ସମାଜ ଘାରିହେଉଛି ? (1)

(i) ଧାର୍ମିକହେବାର ନିଶା

(ii) ବିଦ୍ୟା ଅର୍ଜନର ନିଶା

(iii) ରାତାରାତି ଧନୀହେବାର ନିଶା

(iv) ଅନ୍ୟକୁ ପଦାନତ କରିବାର ନିଶା

**କିମ୍ବା**

ଗାନ୍ଧିଜୀ ପଦଯାତ୍ରାରେ ଆସୁଛନ୍ତି ଓ ଯେଉଁ ଯେଉଁ ସ୍ଥାନଦେଇ ଆସୁଛନ୍ତି, ତାଙ୍କସହ ସାମିଲ ହେଉଛନ୍ତି ଅଗଣିତ ଜନତା । ନୀଳାଚଳଧାମ ଶ୍ରୀକ୍ଷେତ୍ରରୁ ହିଁ ଆରମ୍ଭ ହେଲା

ଗାନ୍ଧୀଙ୍କର ପଦଯାତ୍ରା । ଓଡ଼ିଶା ମାଟିରେ ପାଦ ଦେଉଦେଉ ଗାନ୍ଧିଜୀ ଅନୁଭବ କରିଥିଲେ ପରମ ପ୍ରଶାନ୍ତି । ଓଡ଼ିଶାର ପାଣି, ପବନ, ଖାଦ୍ୟ, ପ୍ରାକୃତିକ ପରିବେଶ, ଆଧ୍ୟାତ୍ମିକ ଚେ଼ତନା, ଆଚ଼ାର-ବ୍ୟବହର ସବୁକିଛି ତାଙ୍କୁ ପ୍ରଲୁବ୍ଧ କରିଥିଲା । ତେଣୁ ସେ ନିଜେ କହୁଥିଲେ ଭାରତବର୍ଷରେ ଓଡ଼ିଶା ମୋର ପ୍ରିୟତମ ସ୍ଥାନ । ଓଡ଼ିଶା ମୋପାଇଁ ପବିତ୍ର ତୀର୍ଥଭୂମି, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଇଁ ନୁହେଁ, କାରଣ ତାଙ୍କ ଦୁଆରତ ହରିଜନଙ୍କ ପାଇଁ ବନ୍ଦ ଏଣୁ ମୋ ପାଇଁ ମଧ୍ୟ ବନ୍ଦ । ଏ ମାଟି ମୋପାଇଁ ତୀର୍ଥ ସ୍ଥାନ ଏଥିପାଇଁ ଯେ ଏଇଠି ପ୍ରଥମେ ଚ଼ାଲିଛାଲି ଛୁଆଁ ଅଛୁଆଁ ଭେଦଭାବ ଉଠାଇବା ନିମନ୍ତେ ମୁଁ ପ୍ରଚ଼ାର ଆରମ୍ଭ କଲି । କାରଣ ଗାନ୍ଧିଜୀ ଆଭାସ ପାଇଥିଲେ ସନାତନୀମାନେ ତାଙ୍କୁ ମାରିଦେଇ ଅସ୍ପୃଶ୍ୟତା ନିବାରଣ କାମ ବନ୍ଦ କରିଦେବା ଯୋଜନାରେ ଅଛନ୍ତି । ଏ ସବୁ ଶୁଣି ସେଦିନ ଗାନ୍ଧିଜୀ ନିର୍ଭୀକତାର ସହ ହସିହସି କହିଥିଲେ ମୁଁ ରେଳ କିମ୍ବା ମଟରରେ ଯାତ୍ରାକଲେ ଆତତାୟୀ ମାନଙ୍କୁ ମୋତେ ମାରିବା କଷ୍ଟକର ହୋଇ ପଡ଼ିବ । ତା'ଛଡା ଜଣେ ତୀର୍ଥଯାତ୍ରୀ ଚ଼ାଲିଚ଼ାଲି ତୀର୍ଥ କରିବା ଉଚ଼ିତ୍ । ପ୍ରଭୁ ଶ୍ରୀରାମଙ୍କ ନାମକୁ ତୁଣ୍ଡରେ ଧରି ଏଇ ପବିତ୍ର ଓଡ଼ିଶା ମାଟିରେ ପଦଯାତ୍ରା କରିବାର ନିଷ୍ପତ୍ତି ତେଣୁ ନେଇଥିଲେ ଜାତିର ପିତା ଗାନ୍ଧିଜୀ । ଆଖପାଖ ଅଞ୍ଚଳର ଜନତା ବିଶେଷ ପ୍ରସ୍ତୁତି ସହ ଉତ୍କଣ୍ଠିତ ଚ଼ିତ୍ତରେ ଚ଼ାହିଁ ବସୁଛନ୍ତି ମହାତ୍ମାଙ୍କ ଶୁଭାଗମନକୁ । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଯାଉଥାଆନ୍ତି ଜାତୀୟତାର ଏ ମହାସ୍ରୋତରେ ।

(କ) ଓଡ଼ିଶାରେ ଗାନ୍ଧିଜୀଙ୍କ ପଦଯାତ୍ରା କେଉଁଠାରୁ ଆରମ୍ଭ ହୋଇଥିଲା ?

(i) କୋଣାର୍କ

(ii) ବାଲେଶ୍ୱର

(iii) ଶ୍ରୀକ୍ଷେତ୍ର

(iv) କୋରାପୁଟ

(ଖ) ଓଡ଼ିଶା ଗାନ୍ଧିଜୀଙ୍କ ପାଇଁ ତୀର୍ଥସ୍ଥାନ ହୋଇଥିଲା କାହିଁକି ?

(i) ଶ୍ରୀ ଜଗନ୍ନାଥଙ୍କ ପାଇଁ

(ii) ପ୍ରଥମେ ଚ଼ାଲିଚ଼ାଲି ଏହିଠାରୁ ଛୁଆଁ ଅଛୁଆଁ ଭେଦଭାବ ଉଠାଇବାକୁ ପ୍ରଚ଼ାର ଆରମ୍ଭ ପାଇଁ

(iii) ମହୋଦଧି ପାଇଁ

(iv) ସାଧୁ ସନ୍ନ୍ୟାସୀଙ୍କ ପାଇଁ

(ଗ) ଜଣେ ତୀର୍ଥଯାତ୍ରୀ କିପରି ତୀର୍ଥ କରିବା ଉଚ଼ିତ୍ ?

(i) ଟ୍ରେନ୍‌ରେ ଯାଇ

(ii) ସାଧୁ ମେଳରେ ଯାଇ

(iii) ଚ଼ାଲିଚ଼ାଲି

(iv) ପରିବାର ସହ ଯାଇ

(ଘ) ଓଡ଼ିଶା ମାଟିରେ ପାଦ ଦେଉ ଦେଉ ଗାନ୍ଧିଜୀ କ'ଣ ଅନୁଭବ କରିଥିଲେ ?

(i) ଲଜ୍ଜା

(ii) ଅସୁସ୍ଥତା

(iii) ଭୟ

(iv) ପରମ ପ୍ରଶାନ୍ତି

(ଙ) ଗାନ୍ଧିଜୀ କେଉଁ ନାମଧରି ଓଡ଼ିଶା ମାଟିରେ ପଦଯାତ୍ରାର ନିଷ୍ପତ୍ତି ନେଲେ ?

(i) ଶ୍ରୀ ଜଗନ୍ନାଥ

(ii) ଶ୍ରୀକୃଷ୍ଣ

(iii) ଶ୍ରୀରାମ

(iv) ନମଃ ଶିବାୟ

(ଚ) ଗାନ୍ଧିଜୀ କ'ଣ ଆଭାସ ପାଇଥିଲେ ?

(i) ସନାତନୀମାନେ ତାଙ୍କୁ ମାରି ଦେବାର ଯୋଜନାରେ ଅଛନ୍ତି

(ii) ବହୁକର୍ମୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି

(iii) କିଛିଲୋକ ହଇରାଣ କରିବେ

(iv) ବିପୁଳ ସମ୍ବର୍ଦ୍ଧନା ମିଳିବ

(ଛ) ଗାନ୍ଧିଜୀ ରେଳରେ ଯାତ୍ରାକଲେ କ'ଣ ହେବବୋଲି ଗାନ୍ଧିଜୀ ମନେକଲେ ?

(i) ଅନ୍ୟମାନେ ମୋ ସହ ଆସିବେ ନାହିଁ

(ii) ଆତତାୟୀମାନେ ତାଙ୍କୁ ମାରିବା କଷ୍ଟକର ହେବ

(iii) ବାଟରେ ଖୁବ୍ ସମ୍ବର୍ଦ୍ଧନା ମିଳିବ

(iv) ଟ୍ରେନ୍‌ରେ ସଭା କରିହେବ

2. ଦିଆଯାଇଥିବା କବିତାଂଶକୁ ପାଠକରି ଯେ କୌଣସି ୫ଟି ପ୍ରଶ୍ନର ଉତ୍ତର ବାଛ । (1x5=5)

ମୁଁ କିଏ, ତା ଜାଣିବାର ନୁହେଁ ଆବଶ୍ୟକ,
ସଦାତୁମ୍ଭେ, ତାପସଙ୍କ ଅଶାନ୍ତି ନାଶକ ।
ତାପସଙ୍କୁ କିଛି ତୁମ୍ଭ ନ ଥାଏ ଅଦେୟ,
ମୁହିଁ ତପସ୍ୱିନୀ ମୋତେ ନକରିବ ହେୟ ।
ଯେ ହୋଇଛି ଆଜି ତୁମ୍ଭ ଅଙ୍କର ଭାଜନ,
ଭକ୍ତିଭରେ ଦେଖୁଥିବେ ଜଗତର ଜନ ।
ପୂର୍ବେ ସେହୁ କରିଥିଲେ କେଉଁ ଘୋର ତପ,
କେଉଁଠାରେ କେତେ କାଳ କେଉଁ ମନ୍ତ୍ର ଜପ ।
ଏହାମାତ୍ର ପ୍ରଭୋ, ମୋତେ ଦେବଟି ଜଣାଇ,
ଅନ୍ୟକିଛି ଧନେ ମୋଣ ପ୍ରୟୋଜନ ନାହିଁ ।

କୋଟି ଅଶ୍ୱମେଧେ ଯେତେ ଧନ ହୁଏ ଦାନ,
ତହିଁରୁ ଅଧିକ ତାହା ହେବ ମୋର ଜ୍ଞାନ ।

(କ) ତାପସଙ୍କ ଅଶାନ୍ତି ନାଶକ ବୋଲି କାହାକୁ କୁହାଯାଇଛି ? (1)

(i) ରାମଚନ୍ଦ୍ର

(ii) ରାବଣ

(iii) ଦଶରଥ

(iv) ବାଲ୍ମୀକି

(ଖ) ଏହି କବିତାରେ 'ତପସ୍ୱିନୀ' କାହାକୁ କୁହାଯାଇଛି ? (1)

(i) ସୁନୟନା

(ii) ସୀତା

(iii) ଉର୍ମିଳା

(iv) କୌଶଲ୍ୟା

(ଗ) ଏହି କବିତାର କବି କିଏ ? (1)

(i) ରାଧାନାଥ ରାୟ

(ii) ନନ୍ଦକିଶୋର ବଳ

(iii) ଗଙ୍ଗାଧର ମେହେର

(iv) ଫକୀରମୋହନ ସେନାପତି

(ଘ) 'ମୁଁ କିଏ ତା ଜାଣିବାର ନୁହେଁ ଆବଶ୍ୟକ' – ଏଠି ମୁଁ କିଏ ? (1)

(i) କୈକେୟୀ

(ii) ସୁମିତ୍ରା

(iii) ସୀତା

(iv) ଅନୁକମ୍ପା

(ଙ) କିଏ ତାପସଙ୍କୁ ସବୁ କିଛି ପ୍ରଦାନ କରିଥାଆନ୍ତି ? (1)

(i) ବଶିଷ୍ଠ

(ii) ରାମଚନ୍ଦ୍ର

(iii) ରାବଣ

(iv) କୁମ୍ଭକର୍ଣ୍ଣ

(ଚ) ପୂର୍ବେ 'ସେହୁ' କରିଥିଲେ କେଉଁ ଘୋର ତପ– 'ସେହୁ'– କିଏ ? (1)

(i) ଅଯୋଧ୍ୟାବାସୀ

(ii) ବନବାସୀ

(iii) ନବବାମା

(iv) ରାଜା ଦଶରଥ

(ଛ) କ'ଣ ପାଇଲେ ସୀତା ଶହେ ଅଶ୍ୱମେଧ ଯଜ୍ଞର ଧନ ପାଇଯିବେ ବୋଲି କହିଛନ୍ତି ? (1)

(i) ଶ୍ରୀରାମଙ୍କୁ ପାଇବାର ମନ୍ତ୍ର ଓ ତପ ସଂପର୍କରେ ସୂଚନା

(ii) ଆଯୋଧ୍ୟାର ରାଜରାଣୀ ପଦ

(iii) ବିଶିଷ୍ଟ ମହିଳା ପଦବୀ

(iv) ବହୁ ଧନରତ୍ନ

**କିମ୍ବା**

ମଧୁର ବସନ୍ତ ସମୟ ଦିନ ହେଲାଣି ଶେଷ,
ଛାଡି ପୂର୍ବ ଏବେ ତପନ ଯିବେ ପଶ୍ଚିମ ଦେଶ ।
ବିଦାୟର ତେଣୁ ଲାଗିଛି ଆୟୋଜନ ବିସ୍ତାର,
ନାନାରଙ୍ଗ ଚନ୍ଦ୍ର ଆତପେ ଆଚ୍ଛାଦିତ ଅମ୍ବର ।
ଦଳେଦଳେ ପକ୍ଷୀ ଗାଆନ୍ତି ଉଚ୍ଚେ କରୁଣ ଗାନ,
ତରୁ ଗିରି ଛାୟା ବିସ୍ତାରି ପାଦେ କରେ ପ୍ରଣାମ ।
ତାଙ୍କ ଶିରେ ସୂର୍ଯ୍ୟ ଦିଅନ୍ତି ହେମ ବରଣୀ ପାଟ,
ଅନୁରକ୍ତ ଭୃତ୍ୟ ମସ୍ତକେ ଯଥା ବାନ୍ଧେ ସମ୍ରାଟ ।
ଅସ୍ତାଚଳ ଉଚ୍ଚ ଆସନେ ବସି ହସନ୍ତି ରବି,
ପ୍ରାଚୀ ଅନୁରାଗେ ରଞ୍ଜିତ ଚାରୁ ବଦନ ଛବି ।

(କ) କବି କବିତାରେ କେଉଁ ଋତୁର ଏକ ନିର୍ଦ୍ଦିଷ୍ଟ ଦିନ ସଂପର୍କରେ ବର୍ଣ୍ଣନା କରିଛନ୍ତି ?

(i) ଗ୍ରୀଷ୍ମ

(ii) ବର୍ଷା

(iii) ବସନ୍ତ

(iv) ହେମନ୍ତ

(ଖ) 'ତପନ' କେଉଁ ଦିଗକୁ ଯିବାକୁ ଉଦ୍ୟତ ହେଉଛନ୍ତି ?

(i) ପଶ୍ଚିମ

(ii) ଉତ୍ତର

(iii) ପୂର୍ବ

(iv) ଦକ୍ଷିଣ

(ଗ) ନାନାରଙ୍ଗ ଚନ୍ଦ୍ର ଆତପରେ କିଏ ଆଚ୍ଛାଦିତ ହୋଇଛି ?

(i) ପୃଥିବୀ

(ii) ଆକାଶ

(iii) ସମୁଦ୍ର

(iv) ଜଙ୍ଗଲ

(ଘ) କେଉଁମାନେ ଉଚ୍ଚ ସ୍ୱରରେ କରୁଣ ଗାନ କରୁଛନ୍ତି ?

(i) ପଶୁ

(ii) ବାଳକ

(iii) ଛାତ୍ରୀ

(iv) ପକ୍ଷୀ

(ଙ) କବିତାରେ କେଉଁ ସମୟର ଦୃଶ୍ୟ ବର୍ଣ୍ଣିତ ହୋଇଛି ?

(i) ସୂର୍ଯ୍ୟୋଦୟ

(ii) ମଧ୍ୟାହ୍ନ

(iii) ସୂର୍ଯ୍ୟାସ୍ତ

(iv) ସଂଧ୍ୟା

(ଚ) ଗଛ ଗୁଡିକର ଛାଇ ଲମ୍ବିଯାଇଥିବାରୁ କବି କ'ଣ କଳ୍ପନା କରିଛନ୍ତି ?

(i) ଗଛମାନେ ଅନ୍ଧାରକୁ ଜାବୁଡି ଧରିଛନ୍ତି

(ii) ଗଛମାନେ ସୂର୍ଯ୍ୟଙ୍କ ପାଦରେ ପ୍ରଣାମ କରୁଛନ୍ତି

(iii) ଗଛମାନେ ଗର୍ବରେ ଫୁଲି ଉଠୁଛନ୍ତି

(iv) ପରାଧୀନତା ପରି ଅନ୍ଧକାର ବ୍ୟାପି ଯାଉଛି

(ଛ) ସୂର୍ଯ୍ୟ ବୃକ୍ଷ ଶିରରେ କେଉଁ ବର୍ଣ୍ଣର ପାଟ ବାନ୍ଧୁଛନ୍ତି ବୋଲି କବି କଳ୍ପନା କରିଛନ୍ତି ?

(i) ସୁନା

(ii) ରୂପା

(iii) ରକ୍ତ

(iv) ପତ୍ର

3. ବିପରୀତାର୍ଥବୋଧକ ଶବ୍ଦ ବାଛ । (ଯେ କୌଣସି ୫ଟିର) (1x5=5)

(କ) ଉଚ୍ଚ – (1)

(i) ନୀଚ୍ଚ

(ii) ନୀଚ

(iii) ନିଚ୍

(iv) ନିଚ୍ଚ

(ଖ) ଆବାହନ – (1)

(i) ଅକାରଣ

(ii) ଆବାହନୀ

(iii) ବିସର୍ଜନ

(iv) ତିରୋଧାନ

(ଗ) ଚେ଼ତନ – (1)

(i) ଅଚେ଼ତନ

(ii) ସଚେ଼ତନ

(iii) ଚେ଼ତନା

(iv) ଚୈ଼ତନ୍ୟ

(ଘ) ଜ୍ୟେଷ୍ଠ – (1)

(i) ବଳିଷ୍ଠ

(ii) କନିଷ୍ଠ

(iii) ପାପୀଷ୍ଠ

(iv) ଉଚ୍ଛିଷ୍ଟ

(ଙ) ପାପ – (1)

(i) ପୂନ୍ୟ

(ii) ପୁଣ୍ୟ

(iii) ପୁନ୍ୟ

(iv) ପାପୀ

(ଚ) ଅଗ୍ରଜ – (1)

(i) ଅନୁଜ

(ii) ପଙ୍କଜ

(iii) ଖଣିଜ

(iv) ଜ୍ୟେଷ୍ଠ

4. ସମୋଚ୍ଚାରିତ ଶବ୍ଦ । **(ଉତ୍ତର ପର୍ଯ୍ୟାୟରୁ ଯେ କୌଣସି ୫ଟିର ଠିକ୍ ଉତ୍ତର ବାଛ)**(1x5=5)

(କ) ନିତି – ନୀତି (1)

(i) ପ୍ରତିଦିନ – ନିୟମ

(ii) ପ୍ରତିମାସ – ସମୟ

(iii) ପ୍ରତିଘର – ଆକାଶ

(iv) ବ୍ୟବସାୟ – କୌଶଳ

(ଖ) ଦିନ – ଦୀନ (1)

(i) ସଂଧ୍ୟା – ସକାଳ

(ii) ଦିବସ – ଦରିଦ୍ର

(iii) ରାତି – ଧନୀ

(iv) ମଧ୍ୟାହ୍ନ – ବିବେକୀ

(ଗ) କୁଜନ – କୂଜନ (1)

(i) ଧନୀ – ପଶୁ

(ii) ଭକ୍ତ – ପକ୍ଷୀ

(iii) ଖରାପଲୋକ – ପକ୍ଷୀର କାକଳି

(iv) ବିନୟୀ – ପଶୁର ଗର୍ଜନ

(ଘ) ଅସି – ଅଶୀ (1)

(i) ଧନୁ – ଫଳ

(ii) ତୀର – ଫୁଲ

(iii) ବର୍ଚ୍ଛା – ତୁଳସୀ

(iv) ଖଣ୍ଡା – ସଂଖ୍ୟାବିଶେଷ

(ଙ) ତରଣି – ତରଣୀ (1)

(i) ଚ଼ନ୍ଦ୍ର – କାତ

(ii) ସୂର୍ଯ୍ୟ – ନୌକା

(iii) ଇନ୍ଦ୍ର – ମାଛ

(iv) ବରୁଣ – ସମୁଦ୍ର

(ଚ଼) କାନ୍ତ – କାନ୍ତ (1)

(i) ସୁନ୍ଦର – ସ୍ୱାମୀ

(ii) ଅସୁନ୍ଦର – ଭୃତ୍ୟ

(iii) ସୁନ୍ଦର – ଭୟଙ୍କର

(iv) ଦୁର୍ବଳ – ନିର୍ଜୀବ

5. ଉତ୍ତର ପର୍ଯ୍ୟାୟରୁ ଶୁଦ୍ଧ ଶବ୍ଦ ବାଛ । (ଯେ କୌଣସି ୫ଟିର) (1x5=5)

(କ) (i) ଶ୍ୱିକାର (1)

(ii) ଶ୍ୱୀକାର

(iii) ସ୍ୱୀକାର

(iv) ସ୍ୱିକାର

(ଖ) (i) ମନିଷୀ (1)

(ii) ମନୀଷୀ

(iii) ମନିସି

(iv) ମନୀସି

(ଗ) (i) ଶରୀସୃପ (1)

(ii) ଷରୀସୃପ

(iii) ସରୀସୃପ

(iv) ସରିସୃପ

(ଘ) (i) ହୃଷ୍ଟପୁଷ୍ଟ (1)

(ii) ହ୍ରୁଷ୍ଟପୁଷ୍ଟ

(iii) ହୃଷ୍ଟପୁଷ୍ଟ

(iv) ହୃଷ୍ଟପୃଷ୍ଟ

(ଙ) (i) ନିର୍ଦ୍ଦୋଷୀ (1)

(ii) ନିର୍ଦ୍ଦୋଶ

(iii) ନିଦ୍ଧୋଷ

(iv) ନିର୍ଦ୍ଦୋଷ

(ଚ) (i) ଆସିଶ (1)

(ii) ଆଶିଷ

(iii) ଆସୀଶ

(iv) ଆଶୀଷ

6. ଏକପଦୀକରଣ (ଉତ୍ତର ପର୍ଯ୍ୟାୟରୁ ଯେ କୌଣସି ୫ଟିର ଠିକ୍ ଉତ୍ତର ବାଛ) । (1x5=5)

(କ) ଯିଏ ଶ୍ରବଣକରେ – (1)

(i) ଶ୍ରୋତା

(ii) ସରୋତା

(iii) ସୃତ୍ୱା

(iv) ଶୃତା

(ଖ) ଯିଏ ଉପଭୋଗ କରନ୍ତି – (1)

(i) ଉପଭୋଗୀ

(ii) ଉପଭୋକ୍ତା

(iii) ଭକ୍ତା

(iv) ଉପଯୁକ୍ତା

(ଗ) ବିଦେହ ରାଜାଙ୍କ କନ୍ୟା – (1)

(i) ବିଦେହୀ

(ii) ବୈଦେହୀ

(iii) ବିଦେହିନୀ

(iv) ବିଦେହୀଣୀ

(ଘ) ନାହିଁ ଅପରାଧ ଯାହାର – (1)

(i) ନିରପରାଧି

(ii) ନିରପରାଧୀ

(iii) ନିରପରାଧ

(iv) ନିରୋପରାଧ

(ଙ) ଜାତ ହୋଇନାହିଁ ଶତ୍ରୁ ଯାହାର – (1)

(i) ଅଜନ୍ମା

(ii) ଅଜାତଶତ୍ରୁ

(iii) ଶତ୍ରୁଜିତ

(iv) ଅଜନ୍ମିତଶତ୍ରୁ

(ଚ) ଜୀବନଥିବା ପର୍ଯ୍ୟନ୍ତ – (1)

(i) ଆଜୀବନ

(ii) ସଜୀବନ

(iii) କୁଜୀବନ

(iv) ଜୀବନ୍ତ

(ଛ) ଯେ ଗଳ୍ପ ଲେଖନ୍ତି – (1)

(i) ସାହିତ୍ୟିକ

(ii) ବୈଜ୍ଞାନିକ

(iii) ଗାଳ୍ପିକ

(iv) ପ୍ରାବନ୍ଧିକ

7. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ । (ଯେ କୌଣସି ୫ଟିର) (1x5=5)

(କ) ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ? (1)

(i) ଇତିହାସ

(ii) ପୁରାଣ

(iii) ବିଜ୍ଞାନ

(iv) ଦର୍ଶନ

(ଖ) କାହାଠାରେ ବଦାନ୍ୟତାର ମହତ୍ତ୍ୱ ବଢିଉଠେ ବୋଲି ପ୍ରାବନ୍ଧିକ କହିଛନ୍ତି ? (1)

(i) ଧନୀ

(ii) ଦରିଦ୍ର

(iii) ବିତ୍ତଶାଳୀ

(iv) ଭୋଗୀ

(ଗ) କାହାର କୋଳାହଳ ପାଇଁ ନୀଳାଚଳନାଥଙ୍କ କାନରେ ଭକ୍ତର କାତର ଡାକ ପଡ଼େନାହିଁ ? (1)

(i) ପ୍ରଭଞ୍ଜନ

(ii) ଜନତା

(iii) ସିନ୍ଧୁ

(iv) ଝାଉଁବଣ

(ଘ) ଗଣତନ୍ତ୍ର ଶାସନରେ ଲୋକେ କାହାକୁ ଶାସନ କରନ୍ତି ? (1)

(i) ପ୍ରଜାଙ୍କୁ

(ii) ରାଜାଙ୍କୁ

(iii) ନିଜେ ଅନ୍ୟକୁ

(iv) ନିଜେ ନିଜକୁ

(ଙ) ଆଜିର ଶିକ୍ଷିତ ଭୋଟଦାତାମାନେ ଭୋଟ ଦେବାକୁ କ'ଣ ହୋଇଥାନ୍ତି ? (1)

(i) ତତ୍ପର

(ii) ସଚେତନ

(iii) ଅଚେତନ

(iv) ଉଦାସୀନ

(ଚ) ସମ୍ବଲପୁର ଅଞ୍ଚଳର ବଧୂମାନଙ୍କୁ କେଉଁ ଫୁଲପରି ହାସ୍ୟମୟୀ ବୋଲି ପ୍ରାବନ୍ଧିକ କୁହିଛନ୍ତି ? (1)

(i) ଗୋଲାପ

(ii) ମନ୍ଦାର

(iii) ପଦ୍ମ

(iv) ଶେଫାଳୀ

(ଛ) ଗୋସାଇଁଙ୍କୁ କିଏ ଛେଳିଟିଏ ଦାନ ଦେଇଥିଲେ ? (1)

(i) ଯଜମାନ

(ii) ଛାତ୍ରମାନେ

(iii) ମହିଳାମାନେ

(iv) ମନ୍ଦିର ପୂଜାରୀ

୪. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ । (ଯେ କୌଣସି ୫ଟିର) (1x5=5)

(କ) ଧନ ଅର୍ଜନର ସଫଳତା କେଉଁଠି ଥାଏ ? (1)

(i) ଖାଇପିଇ ଆରାମ କରିବାରେ

(ii) ବିଳାସ ବ୍ୟସନରେ ବ୍ୟୟ କରିବାରେ

(iii) ସୁବ୍ୟୟରେ

(iv) ଅନ୍ୟକୁ ଦାନ କରିବାରେ

(ଖ) ସୀତା ପତ୍ର ଲେଖୁଥିଲା ବେଳେ କିଏ ହସି ହସି ପହଞ୍ଚିଲେ ? (1)

(i) ବାଲ୍ମୀକି

(ii) ଲବ–କୁଶ

(iii) ସଖୀ

(iv) ରାମଙ୍କ ଦୂତ

(ଗ) ଯମଦୂତ ବୋଲି କବିତାରେ କାହାକୁ କୁହାଯାଇଛି ? (1)

(i) ସହବନ୍ଦୀଙ୍କୁ

(ii) ଇଂରେଜ ଶାସକଙ୍କୁ

(iii) ଜେଲର ସିପାହୀଙ୍କୁ

(iv) ଗଡ଼ଜାତ ରାଜାଙ୍କୁ

(ଘ) ପିଙ୍ଗଳା କେଉଁ ନଗରର ନଟୀ ଥିଲା ? (1)

(i) ଅବନ୍ତୀ

(ii) ଉଜ୍ଜୟିନୀ

(iii) କୋଶଳ

(iv) ବିଦେହ

(ଙ) ଭଙ୍ଗାମାଠିଆରୁ ପାଣି ବହିଯିବା ପରି ମଣିଷ ଜୀବନରୁ କ'ଣ ସରିଯାଏ ? (1)

(i) ବଳ

(ii) ଆୟୁ

(iii) ଧନ

(iv) ଯୌବନ

(ଚ) 'ତପସ୍ୱିନୀର ପତ୍ର' କବିତାଟି କବିଙ୍କର କେଉଁ କାବ୍ୟରୁ ଗୃହୀତ ? (1)

(i) ପ୍ରଣୟବଲ୍ଲରୀ

(ii) କୀଚକବଧ

(iii) ତପସ୍ୱିନୀ

(iv) ଇନ୍ଦୁମତୀ

(ଛ) ଗୋପବନ୍ଧୁ କେଉଁ କାରାଗାରରେ 'ବନ୍ଦୀର ବିରହବ୍ୟଥା' କବିତାଟି ଲେଖିଥିଲେ ? (1)

(i) ବ୍ରହ୍ମପୁର

(ii) ହଜାରିବାଗ୍

(iii) କଟକ

(iv) ପାଟନା

## PART-B (Descriptive Type Questions) SET-1

9. ରଚ଼ନା ଲେଖ । (8x1=8)

ପ୍ରାକୃତିକ ବିପର୍ଯ୍ୟୟ ଓ ଆମର ସ୍ଥିତି

**କିମ୍ବା**

ଆମ ଗଣତନ୍ତ୍ର ଓ ଏହାର ଭବିଷ୍ୟତ

**କିମ୍ବା**

ଶିକ୍ଷାନୁଷ୍ଠାନରେ ନୈତିକଶିକ୍ଷାର ଆବଶ୍ୟକତା

10. ତୁମ ଅଞ୍ଚଳରେ ବହୁ ବ୍ୟକ୍ତି ବିଦେଶରୁ ଫେରିଥିଲେ ମଧ୍ୟ ମହାମାରୀ 'କରୋନା'କୁ ଦୃଷ୍ଟିରେ ରଖି ସେମାନଙ୍କ ନିମନ୍ତେ ସେପରି କିଛି ବ୍ୟବସ୍ଥା କରାଯାଇ ନାହିଁ । ଫଳରେ ଜନସାଧାରଣ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏହାର ବିହିତ ବ୍ୟବସ୍ଥା ନିମନ୍ତେ ଜିଲ୍ଲାପାଳଙ୍କୁ ଏକ ଦରଖାସ୍ତ ଲେଖ । (7x1=7)

**କିମ୍ବା**

ତୁମ ଅଞ୍ଚଳ ବାତ୍ୟା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସାହାଯ୍ୟ ପହଞ୍ଚି ପାରିନାହିଁ । ଏହି ଅସୁବିଧା ଦର୍ଶାଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

11. ଯେ କୌଣସି ଗୋଟିଏ ସରଳାର୍ଥ ନିଜ ଭାଷାରେ ଲେଖ । (5x1=5)

(କ) ଘନ, ତୁ ଦେଖି ସ୍ତମ୍ଭିତ ହେବୁ ଯେ ଉତ୍କଳବାସୀ ଭାଗୀରଥୀ ତୀରରେ ବସି ପିପାସୀ ଓ ରତ୍ନସ୍ତୂପରେ ବସି ଉପବାସୀ ହୋଇଛନ୍ତି । (5)

(ଖ) ଗଣଶିକ୍ଷା ଓ ଗଣ ଚ଼େତନାର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡମ୍ବନା ମାତ୍ର । (5)

12. ଯେ କୌଣସି ଗୋଟିଏ ସରଳାର୍ଥ ନିଜ ଭାଷାରେ ଲେଖ । (5x1=5)

(କ) ଧର୍ମ ଏକାସିନା ମହତ ପଣିଆ
ଆଉ ବଡ଼ପଣ ଅଢେଇ ଦିନିଆ । (5)

(ଖ) ଆହା, ପ୍ରିୟଜନ ବିରହ କିଦାରୁଣ କଷଣ ?
ପ୍ରୀତି ପାଶେ ବନ୍ଧା ଜଗତେ ସର୍ବ ଜଡ଼ ଚ଼େତନ । (5)

13. ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । **(୫ଟିର)** (2x5=10)

(i) ଜଳଦ କ'ଣ ଶୁଣି ଓ କ'ଣ ଦେଖି ବନବାସୀମାନଙ୍କ ଗ୍ରାମର ସୀମା ଜାଣି ପାରିବ ? (2)

(ii) 'ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ'– କିଏ କହିଛନ୍ତି ଓ କାହିଁକି? (2)

(iii) ଗଣତନ୍ତ୍ର ଶାସନ କହିଲେ କ'ଣ ବୁଝାଏ ? (2)

(iv) ତପସ୍ୱିନୀ ସୀତା କାହାକୁ ପତ୍ର ଲେଖିଥିଲେ ଓ କାହିଁକି ? (2)

(v) ମନୁଷ୍ୟତ୍ୱର ସ୍ୱଭାବ କିପରି ବୋଲି କୁହାଯାଇଛି ? (2)

(vi) ''ଅଚିରେ ଫେରିବି ଧନି ! ନୁହ କାତର''– କିଏ କାହାକୁ କହିଛନ୍ତି ? (2)

(vii) ପିଙ୍ଗଳାର ମନରେ କାହିଁକି ବୈରାଗ୍ୟ ଭାବ ଜାତ ହେଲା ? (2)

14. ନିମ୍ନ ପ୍ରଶ୍ନର ଉତ୍ତର ନିଜ ଭାଷାରେ ଲେଖ । (5x1=5)

ମାଷ୍ଟରଜୀଙ୍କ ସହ ଅଶୋକଙ୍କ ସାକ୍ଷାତର ଏକ ବିବରଣୀ ଦିଅ ।

**କିମ୍ବା**

ପତାକା ଉତ୍ତୋଳନ ଗଳ୍ପରୁ ରାୟବାହାଦୂରଙ୍କ ଚ଼ରିତ୍ର ଚ଼ିତ୍ରଣ କର ।

**କିମ୍ବା**

'ସଭ୍ୟଜମିଦାର'ଏକ ବ୍ୟଙ୍ଗାତ୍ମକ ଗଳ୍ପ– ଆଲୋଚ଼ନା କର ।

***